ଭାରତୀୟ ଜନତା ପାର୍ଟି, ଓଡିଶା

ଜାନୁଆରୀ ୮ ତାରିଖରେ ଚାଷୀ ମେଳି

ବିଜେଡ଼ି ସରକାରଠାରୁ ବିଭିନ୍ନ ପ୍ରସଙ୍ଗରେ ଜବାବ ମାଗିବ  କୃଷକମୋର୍ଚ୍ଚା

# ହଜାର ହଜାର ଚାଷୀ ମେଳି କରି ଘେରିବେ

# ସଚିବାଳୟ ଓ ନବୀନ ନିବାସ

- କାଲି ଠାରୁ ମଣ୍ଡି ଜଗିବ ବିଜେପି କୃଷକ ମୋର୍ଚ୍ଚା
- ଚାଷୀ ଧାନ ଅମଳ କରି ବିକିବାକୁ ବସିଥିବା ବେଳେ କେଉଁଠି ମଣ୍ଡି ନାହିଁ, ମଣ୍ଡିରେ ବ୍ୟାପକ ଅବସ୍ଥା
- ଶାସକ ଦଳ ଓ ଅସାଧୁ ବ୍ୟବସାୟୀଙ୍କ ମଧୁଚନ୍ଦ୍ରିକାର ଶିକାର ହୋଇ ଚାଷୀ ନିଜ ହକ୍ ପାଇବାରୁ ବଂଚିତ
- ୧୭୫୦ ଟଙ୍କା ମୋଦି ପଠାଉଥିବା ବେଳେ ଚାଷୀମାନେ ୧୦୦୦/୧୨୦୦ ଟଙ୍କାରେ ନିଜର କଷ୍ଟ ଅର୍ଜିତ ଧାନକୁ ବିକ୍ରି କରିବାକୁ ବାଧ ହେଉଛନ୍ତି
- ୪-୫ କିଲୋରୁ ଅଧିକ ଧାନ ନକାଟିଲେ ଧାନ କିଣା ନଯିବା ଗତ ବର୍ଷରୁ ମଣ୍ଡି ଜଗି ଥିବାବେଳେ ବିଜେପି ତଥ୍ୟ ପ୍ରମାଣ ସରକାରଙ୍କୁ ଦେବା ସତ୍ୱେ ଅସାଧୁ ବ୍ୟକ୍ତିମାନଙ୍କ ବିରୋଧରେ କାହିଁକି କାର୍ଯ୍ୟାନୁଷ୍ଠାନ ନେଉ ନାହାଁନ୍ତି ସରକାର
- ସାରା ରାଜ୍ୟରେ ମଣ୍ଡିମାନଙ୍କରେ ଚାଷୀମାନେ ନିଜ ଅଧିକାର ପାଇଁ ରାଜ୍ୟସରକାରଙ୍କୁ ଜବାବ ମାଗିବା ପାଇଁ ଜାନୁୟାରୀ ୮ ସନ୍ଧ୍ୟା ପର୍ଯ୍ୟନ୍ତ ହେବ ଚାଷୀ ମେଳି
- **ସର୍ବନିମ୍ନ ସହାୟକ ମୂଲ୍ୟ ଉପରେ୧୦୦ ଟଙ୍କା  ବୋନସ୍ ଦେବା ପାଇଁ ମୁଖ୍ୟମନ୍ତ୍ରୀ ବରଗଡ଼ ଜିଲ୍ଲାର ସୋହେଲା ଜନସଭାରେ ଘୋଷଣା କାର୍ଯ୍ୟକାରୀ କରିବା ପାଇଁ ଦାବି**
- ରାଜ୍ୟରେ ଆଜି ଦିନରେ କେନାଲ ଯୋଗେ ଜଳସେଚନ ୩୦ ପ୍ରତିଶତରୁ କମ୍ ଜମିକୁ ମିଳିଛି ।
- ଶୀତଳ ଭଣ୍ଡାର ସଂଖ୍ୟା ବଢିପାରିଲା ନାହିଁ । ଆଳୁ, ପିଆଜ ମିଶନ ଫେଲ୍ । ପରିବା, ଫଳ, ଅଣ୍ଡା, ତଥା ଦୁଗ୍ଧ ପାଇଁ ଓଡ଼ିଶା ବାହାର ରାଜ୍ୟ ଉପରେ ନିର୍ଭରଶୀଳ ।
- ଓଡ଼ିଶାର ପରିଶ୍ରମୀ କୃଷକ ଅମଳ କରିବାକୁ ସକ୍ଷମ ହୋଇଥିବାବେଳେ ସରକାରୀ ଉଦାସୀନତା ତାର ଅଂଟା ଭାଙ୍ଗି ଦେଇଥିବାରୁ ଚାଷୀ ମେଳି ରାଜ୍ୟସରକାରଙ୍କଠୁ ଜବାବ ମାଗିବ

**ଭୁବନେଶ୍ୱର, ତା୧୮/୧୨ :** ସାରା ରାଜ୍ୟରେ କୃଷକମାନଙ୍କ ସମସ୍ୟା ଦିନକୁ ଦିନ ଜଟିଳ ହେବା ସହ ଚାଷୀମାନଙ୍କର ଆର୍ଥିକ ସ୍ଥିତି ଶୋଚନୀୟ ହେଉଥିବାବେଳେ ୧୯ ବର୍ଷର ବିଜେଡ଼ି ସରକାର ସମାଧାନର ରାସ୍ତା କାଢିବା ବଦଳରେ ମିଛ ରାଜନୈତିକ ନାଟକ ବାଜିରେ ବ୍ୟସ୍ତ ରହିଛି ।  ଏହାର ପ୍ରତିବାଦରେ ଆସନ୍ତା ଜାନୁଆରୀ ୮ ତାରିଖରେ ସାରା ରାଜ୍ୟରୁ ଚାଷୀ ଭୁବନେଶ୍ୱର ଆସି ନିଜ ହକ୍ ଦାବିରେ ମେଳି କରିବା ସହ ରାଜ୍ୟ ସଚିବାଳୟ ଆଗରେ ଓ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ନବୀନ ନିବାସ ଆଗରେ ବିକ୍ଷୋଭ କରିବେ ବୋଲି ବିଜେପି ରାଜ୍ୟ ସଭାପତି ଶ୍ରୀ ବସନ୍ତ ପଣ୍ଡା କହିଛନ୍ତି ।  ବିଜେପି କୃଷକ ମୋର୍ଚ୍ଚା ତରଫରୁ ଏକ ସାମ୍ବାଦିକ ସମ୍ମିଳନୀରେ ଏହା ଘୋଷଣା କରାଯାଇଛି ।



odisha.bjp.org BJP4Odisha YouTube Odisha BJPlive

ରାଜ୍ୟର ୩୦ଟି ଜିଲ୍ଲାରେ ଚାଷୀ ମାନଙ୍କର ମୁଖ୍ୟ ଅମଳ ଧାନ ଓ ଏଥିରୁ ରୋଜଗାର ହିଁ ବର୍ଷ ଯାକର କୃଷକ ପରିବାରର ମୂଳ ସମ୍ବଳ । ଚାଷୀ ଧାନ ଅମଳ କରି ବିକିବାକୁ ବସିଥିବା ବେଳେ କେଉଁଠି ମଣ୍ଡି ନାହିଁ, ମଣ୍ଡିରେ ବ୍ୟାପକ ଅବ୍ୟସ୍ଥା ଓ ଚାଷୀ ସରକାର ଶାସକ ଦଳ ଓ ଅସାଧୁ ବ୍ୟବସାୟୀଙ୍କ ମଧୁଚନ୍ଦ୍ରିକାର ଶିକାର ହୋଇ ନିଜ ହକ୍ ପାଇବାର ବଂଚିତ ହୋଇଛନ୍ତି । ଏହାର ପ୍ରତିବାଦରେ ଚାଷୀମାନଙ୍କୁ ଏକାଠି କରି ସାରା ରାଜ୍ୟରେ ୪୦୦୦ରୁ ଅଧିକ ମଣ୍ଡିମାନଙ୍କରେ ଚାଷୀମାନେ ନିଜ ଅଧିକାର ପାଇଁ ରାଜ୍ୟସରକାରଙ୍କୁ ଜବାବ ମାଗିବା ପାଇଁ ଆଜିଠାରୁ ଜାନୁୟାରୀ ୭ ପର୍ଯ୍ୟନ୍ତ ବିଜେପି କୃଷକମୋର୍ଚ୍ଚା ମେଳି କରିବ । ୮ ତାରିଖ ଦିନ ଚାଷୀମାନେ ଭୁବନେଶ୍ୱରରେ ନିର୍ଣ୍ଣାୟକ ଲଢେଇ କରିବା ପାଇଁ ନବୀନ ନିବାସ ଘେରାଉରେ ଯୋଗ ଦେବେ ବୋଲି ଏହି ସାମ୍ବାଦିକ ସମ୍ମିଳନୀରେ କୃଷକ ମୋର୍ଚ୍ଚାର ରାଜ୍ୟ ସଭାପତି ଶ୍ରୀ ଶିବାଜୀ ମହାନ୍ତି ଘୋଷଣା କରିଛନ୍ତି ।

କୃଷକଙ୍କ ପାଇଁ ନବୀନ ପଟ୍ଟନାୟକ ଦେଇଥିବା ପ୍ରତିଶ୍ରୁତି ବିଶେଷ ଭାବରେ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ଉପରେ ବୋନସ୍ ପ୍ରଦାନ ନକରିବାକୁ ରାଜ୍ୟ ବିଜେଡ଼ି ସରକାର କୃଷକ ବିରୋଧୀ ଆଭିମୁଖ୍ୟ ସ୍ପଷ୍ଟ କରୁଛି ବୋଲି କୃଷକ ମୋର୍ଚ୍ଚା ତରଫରୁ ଅଭିଯୋଗ କରାଯାଇଛି । ୧୦୦ ଟଙ୍କା ସର୍ବନିମ୍ନ ସହାୟକ ମୂଲ୍ୟ ଉପରେ ବୋନସ୍ ଦେବା ପାଇଁ ମୁଖ୍ୟମନ୍ତ୍ରୀ ବରଗଡ଼ ଜିଲ୍ଲାର ସୋହଲା ଜନସଭାରେ ଘୋଷଣା କରିଥିଲେ । ଏହି ବୋନସ ରାଜ୍ୟସରକାର କାହିଁକି ଦେଉନାହାଁନ୍ତି ବୋଲି ଶ୍ରୀ ମହାନ୍ତି ପ୍ରଶ୍ନ କରିଛନ୍ତି ।

କେନ୍ଦ୍ର ସରକାର ଧାନର ଉତ୍ପାଦନ ମୂଲ୍ୟରୁ ଦେଢଗୁଣ ମୂଲ୍ୟ କରି ସର୍ବନିମ୍ନ ସହାୟକ ମୂଲ୍ୟ ୧୭୫୦ ଟଙ୍କା ହିସାବରେ ମୋଦି ସରକାର ଯୋଗାଇ ଦେଉଛନ୍ତି । ଓଡ଼ିଶାରେ ସରକାର ଓ ଅସାଧୁ ବ୍ୟବସାୟିଙ୍କ ମଧୁଚନ୍ଦ୍ରିକାରେ କାହିଁକି ଚାଷୀମାନେ ୧୦୦୦/୧୨୦୦ ଟଙ୍କାରେ ନିଜର କଷ୍ଟ ଅର୍ଜିତ ଧାନକୁ ବିକ୍ରି କରିବାକୁ ବାଧ ହେଉଛନ୍ତି ଏ ସମ୍ବନ୍ଧରେ ଓଡ଼ିଆ ଚାଷୀମାନେ ରାଜ୍ୟସରକାରଙ୍କୁ ଜବାବ ମାଗୁଛନ୍ତି ବୋଲି ଶ୍ରୀ ମହାନ୍ତି କହିଛନ୍ତି । ୪-୫ କିଲୋରୁ ଅଧିକ ଧାନ ନକାଟିଲେ ଧାନ କିଣା ନଯିବା ଗତ ବର୍ଷରୁ ମଣ୍ଡି ଜଗି ଥିବାବେଳେ ବିଜେପି ତଥ୍ୟ ପ୍ରମାଣ ସରକାରଙ୍କୁ ଦେଇଛି । ଯୋଗାଣ ବିଭାଗ ଚାଷୀ ସ୍ୱାର୍ଥ କଥା ପାଟିରେ କହି ଚାଷୀଙ୍କୁ ଶୋଷଣ କରୁଥିବା ଅସାଧୁ ବ୍ୟକ୍ତିମାନଙ୍କ ବିରୋଧରେ କାହିଁକି କାର୍ଯ୍ୟାନୁଷ୍ଠାନ ନେଉ ନାହାଁନ୍ତି ଚାଷୀମାନେ ମଧ ଏହାର ଜବାବ ମାଗିବେ ବୋଲି କୃଷକମୋର୍ଚ୍ଚା ସଚେତନ କରାଇ ଦେଇଛି ।

କୃଷି କମିଶନ ୨୦୧୨ରେ ତିଆରି ହୋଇଥିବା ସତ୍ୱେ କୃଷକ କଲ୍ୟାଣ ରିପୋର୍ଟ ଆଜି ପର୍ଯ୍ୟନ୍ତ କାହିଁକି ସର୍ବଜନୀନ ହୋଇନାହିଁ ଓ ଏହାର ସୁପାରିସ୍ କେବେ କାର୍ଯ୍ୟକାରୀ ହେବ ବୋଲି ଶ୍ରୀ ମହାନ୍ତି ପ୍ରଶ୍ନ କରିଛନ୍ତି ।

ରାଜ୍ୟରେ ଆଜି ଦିନରେ କେନାଲ ଯୋଗେ ଜଳସେଚନ ୩୦ ପ୍ରତିଶତରୁ କମ୍ ଜମିକୁ ମିଳିଛି । ଶୀତଳ ଭଣ୍ଡାର ସଂଖ୍ୟା ବଢିପାରିଲା ନାହିଁ । କୃଷି ମିଶନ, ଆଳୁ, ପିଆଜ ମିଶନ ମରୁଡି ସମସ୍ୟା, ବାତ୍ୟା ଜନିତ କ୍ଷୟକ୍ଷତି ଦେବାରେ ରାଜ୍ୟସରକାର ଫେଲ୍ । ପରିବା, ଫଳ, ଅଣ୍ଡା, ତଥା ଦୁଗ୍ଧ ପାଇଁ ଓଡ଼ିଶା ବାହାର ରାଜ୍ୟ ଉପରେ ନିର୍ଭରଶୀଳ । ଓଡ଼ିଶାର ପରିଶ୍ରମୀ କୃଷକ ଅମଳ କରିବାକୁ ସକ୍ଷମ ହୋଇଥିବାବେଳେ ସରକାରୀ ଉଦାସୀନତା ତାର ଅଂଟା ଭାଙ୍ଗି ଦେଉଛି ବୋଲି ଚାଷୀ ଏହା ବିରୋଧରେ ପ୍ରତିବାଦ କରିବ ବୋଲ ଶ୍ରୀ ମହାନ୍ତି କହିଛନ୍ତି ।

ମୁଖ୍ୟମନ୍ତ୍ରୀଙ୍କ ଜିଲ୍ଲା ଗଞ୍ଜାମରେ ସବୁଠାରୁ ଅଧିକ ଧାନ ଦଲାଲମାନଙ୍କ ଦ୍ୱାରା କମ୍ ଦରରେ ଧାନ କିଣା ଯାଇ ଆନ୍ଧ୍ର ଏବଂ ଛତିଶଗଡରେ ଏହାକୁ ଅଧିକ ଦରରେ ବିକ୍ରି କରାଯାଉଛି । ବିଜେଡି ସାଂସଦ ପ୍ରଶନ୍ନ ଆର୍ଚାଯ୍ୟ ଏବଂ ଯୋଗାଣ ମନ୍ତ୍ରୀ ସୂର୍ଯ୍ୟନାରାୟଣ ପାତ୍ରଙ୍କ ଜିଲ୍ଲାରେ ଧାନର ସବୁଠୁ ଅଧିକ ଅଭାବି ବିକ୍ରି କରାଯାଉଛି । ଚାଷୀମାନଙ୍କ ସମସ୍ୟା ପ୍ରତିବାଦରେ ରାଜ୍ୟର ମୁଖ୍ୟମନ୍ତ୍ରୀ ଏବଂ ଯୋଗାଣ ମନ୍ତ୍ରୀ ସୂର୍ଯ୍ୟନାରାୟଣ ପାତ୍ରଙ୍କ କୁଶପୁତଳିକା ଦାହ କପରାଯିବ ବୋଲି ଶ୍ରୀ ମହାନ୍ତି କହିଛନ୍ତି ।

ଦୀର୍ଘଦିନ ତଳୁ ମୁଖ୍ୟମନ୍ତ୍ରୀ କୃଷି ଋଣ ଛାଡ଼ ସରକାରଙ୍କ ବିଚାରାଧିନ ରହିଛି ବୋଲି ସର୍ବଜନୀନ ବକ୍ତବ୍ୟ ଦେଇଛନ୍ତି । ରାଜ୍ୟସରକାର ତୁରନ୍ତ କୃଷି ଋଣ ଛାଡ଼ କରନ୍ତୁ ବୋଲି ଶ୍ରୀ ମହାନ୍ତି ଦାବି କରିଛନ୍ତି ।

ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ମୋର୍ଚ୍ଚାର ରାଷ୍ଟ୍ରୀୟ ଉପସଭାପତି ମହେଶ୍ୱର ସାହୁ, ରାଜ୍ୟ ସାଧାରଣ ସଂପାଦକ ସୁରଥ ବିଶ୍ୱାଳ ଓ ସମୀର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

**(ବିଜେପି ମିଡିଆ ସେଲ୍)** *(ପୃଷ୍ଠା: ୨/୨)*